# ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ, ଦେବୋତ୍ତର, ପାଟଣାଗଡ

ବିଜ୍ଞାପନ ସଂଖ୍ୟା 2455........ ତାରିଖ 20.06.2025...

ଏତଦ୍ୱାରା ଏହି ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ସୂଚିତ କରି ଦିଆଯାଉଅଛି ଯେ, ଶ୍ରୀ ବଳଦେବ ଜୀଉ ମନ୍ଦିର,ବ୍ରହ୍ମପୁରା ର ସୁପରିଚାଳନା ନିମନ୍ତେ ନିମ୍ନ ଲିଖିତମନ୍ଦିର ସମ୍ପତ୍ତି (ଦେବୋତ୍ତର ଜମି) ଗୁଡିକ ୨୦୨୫-୨୬ ବର୍ଷ ପାଇଁ ଦେବୋତ୍ତର, ପାଟଣାଗଡ ଦ୍ୱାରା ନିଲାମ କରାଯିବ । ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ନିମ୍ନମତେ ଧାର୍ଯ୍ୟ କରାଯାଇ ଥିବା ସରକାରୀ ମୂଲ୍ୟ ୧୦% ରାଶି ଅମାନତ ବାବଦକୁ ଉପଜିଲ୍ଲାପାଳ,ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ଠାରେ ଉଦ୍ଦିଷ୍ଟ ଥିବା ଜଉମୂଦ ବାକ୍ସରେ <u>ତା.୦୧.୦୭.୨୦୨୫ ରୁ ୦୭.୦୭.୨୦୨୫</u> ମଧ୍ୟରେ ( କେବଳ ସରକାରୀ କାର୍ଯ୍ୟ ଦିବସ ରେ) ଅପରାହ୍ଣ ଘ.5.30 ପର୍ଯ୍ୟନ୍ତ ପକାଇ ପାରିବେ ।ଟେଣ୍ଡର ଆବେଦନ ଫର୍ମ ଦେବୋତ୍ତର,ପାଟଣାଗଡ କାର୍ଯ୍ୟାଳୟ ଠାରୁ ପାଇ ପାରିବେ ଏବଂ (balangir.odisha.gov.in) ୱେବସାଇଟ ରୁ ଡାଉନଲୋଡ କରିପାରିବେ। ନିଲାମ ନିମନ୍ତେ ସମସ୍ତ ଦେୟରାଶି କେବଳ <u>ଡିମାଣ୍ଡ ଡ୍ରାଫ୍ଟ, ବ୍ୟାଙ୍କର୍ସ ଚେକ ଅଥବା ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର, ପାଟଣାଗଡ଼ଙ୍କ SB A/c No.11263177818 IFSC Code:SBIN0001321 ରେ ଆକାଉଣ୍ଟ ଟ୍ରାନ୍ସଫର</u> ଆକାରରେ ଗ୍ରହଣ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ଫର୍ମରେ ଟେଣ୍ଡର ପକାଇବା ପାଇଁ ଅମାନତ ଜମା ର **ଡିମାଣ୍ଡ ଡ୍ରାଫ୍ଟ ,ବ୍ୟାଙ୍କର୍ସ ଚେକ ଅଥବା ଡିପୋଜିଟ ସ୍ଲିପ** ଆବେଦନ ଫର୍ମରେ ସଂଲଗ୍ନ କରି ଜଉମୁଦ ବାକ୍ସ ରେ ପକାଇବେ ।ଡିମାଣ୍ଡ ଡ୍ରାଫ୍ଟ,ବ୍ୟାଙ୍କର୍ସ ଚେକ,ବ୍ୟାଙ୍କ ଖାତା ଆବେଦନକାରୀଙ୍କ ନାମରେ ଥିବା ବାଧ୍ୟତାମୂଳକ । ଆବେଦନକାରୀଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି ନାମରେ ଥିବା ଡିମାଣ୍ଡ ଡ୍ରାଫ୍ଟ ଅଥବା ବ୍ୟାଙ୍କର୍ସ ଚେକ, ଆକାଉଣ୍ଟ ଟ୍ରାନ୍ସଫର ସ୍ୱୀକାର କରାଯିବ ନାହିଁ ।ଜଉମୂଦ ବାକ୍ସ ଖୋଲାଯିବା ପରେ ଆବେଦନକାରୀ ମାନେ ଅମାନତ ରାଶିର ପ୍ରାପ୍ତି ସ୍ୱୀକାର ରସିଦ ଦେବୋତ୍ତର କାର୍ଯ୍ୟାଳୟରୁ ଗ୍ରହଣ କରିବେ। ସମସ୍ତ ଜଉମୁଦ ଟେଣ୍ଡର ଗୁଡିକ <u>ତା.୦୮.୦୭.୨୦୨୫ ଦିବା ଘ.୧୧.୦୦</u>ସମୟରେ ଉପଜିଲ୍ଲାପାଳ,ପାଟଣାଗଡ଼ଙ୍କ କାର୍ଯ୍ୟାଳୟରେ ଦେବୋତ୍ତର ଉପଦେଷ୍ଟା ବୋର୍ଡ଼ର ସଦସ୍ୟଙ୍କ ଉପସ୍ଥିତିରେ ଖୋଲା ହେବ । ଯେଉଁ ବ୍ୟକ୍ତିମାନେ ଉପରୋକ୍ତ ସଂପତ୍ତିମାନଙ୍କର ନିଲାମ ଡାକରେ ଯୋଗ୍ୟ ବିବେଚିତ ହେବେ ତାଙ୍କର ଅମାନତ ଟଙ୍କା ଶେଷ କିସ୍ତିରେ ଯୋଗ ହେବ ଓ ଅନ୍ୟ ମାନଙ୍କର ଅମାନତ ଟଙ୍କା ଫେରସ୍ତ ହେବ । ନିଲାମ ଗ୍ରହୀତା ସର୍ବମୋଟ ନିଲାମ ରାଶିର ୩୩ % ରାଶି ଆସନ୍ତା <u>ତା.୧୫.୦୭.୨୦୨୫</u> ଦିନ ଅପରାହ୍ଣ ୫.୩୦ ଘଟିକା ମଧ୍ୟରେ ନିମ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଜମା ଦେଇ ନିର୍ଦ୍ଧାରିତ ଫର୍ମରେ ଚୁକ୍ତି ସଂପାଦନ କରିବେ । ଉକ୍ତ ଦିନରେ ଚୁକ୍ତିନାମା ସ୍ୱାକ୍ଷର ନ କଲେ ଦ୍ୱିତୀୟ ସର୍ବାଧିକ ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ ପ୍ରଦର୍ଶନକାରୀଙ୍କୁ ଟେଣ୍ଡର ଦିଆଯିବ ଏବଂ ଚୁକ୍ତିନାମା ସ୍ୱାକ୍ଷର ନ କରିଥିବା ଆବେଦନକାରୀଙ୍କ ଅମାନତ ରାଶିକୁ ଫେରସ୍ତ କରାଯିବ ନାହି ।ନିଲାମ ରାଶିର ଦ୍ୱିତୀୟ କିସ୍ତି ୩୩ % ରାଶି ୩୧.୦୧.୨୦୨୬ ସୁଦ୍ଧା ପଇଠ କରିବେ ଓ ତଦଅନୁସାରେ ଶେଷ କିସ୍ତି ୩୪ % ରାଶି ୩୧.୦୩.୨୦୨୬ ସୁଦ୍ଧା ପଇଠ କରିବେ । ନିର୍ଦ୍ଧାରିତ ସମୟରେ ନିଲାମ ରାଶି ପଇଠ ନକଲେ ଅମାନତ ଟଙ୍କା ବାଜ୍ୟାପ୍ତ କରାଯାଇ ପୁନଃ ଟେଣ୍ଡର ଆହ୍ୱାନ କରାଯିବ । ମାତ୍ର କୌଣସି ସ୍ଥଳେ ସରକାରୀ ମୂଲ୍ୟରୁ କମ ରେ ଦିଆଯିବ ନାହିଁ ।

ପ୍ରକାଶ ଥାଉକି ନିଲାମ ଗ୍ରହଣ କିମ୍ବା ନାକଚ କରିବା ଅଧିକାର ନିମ୍ନ କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି । ଏହି ନିଲାମରେ କେବଳ ପାଟଣାଗଡ ଉପଖଣ୍ଡର ସ୍ଥାୟୀ ବାସିନ୍ଦାମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ଖୁଲାପକାରୀ ମାନଙ୍କୁ ଦିଆଯିବ ନାହିଁ ।

ନିଲାମ ହେବାକୁ ଥିବା ସଂପତ୍ତିର ତାଲିକାର ଏକ କିତା ନକଲ ଏଥି ସହିତ ସଂଲଗ୍ନ କରାଗଲା ।

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

ଶ୍ରୀ ବଳଦେବ ଜୀଉ,ବ୍ରହ୍ମପୁରା,ପାଟଣାଗଡ଼ର ୨୦୨୫-୨୬ ବର୍ଷ ପାଇଁ ନିଲାମ ହେବାକୁ ଥିବା ଚାଷ ଜମି ର ବାର୍ଷିକ ନିଲାମ ହେବାକୁ ଥିବା ଜମିର ତାଲିକା

| କ୍ର.ସଂ. | ଜମି ର ନାମ | ଏରିଆ | ଧାର୍ଯ୍ୟ ସରକାରୀ ମୂଲ୍ୟ(୨୦୨୫-୨୬) ଟ. | ଅମାନତ ଜମା ଟ. |
|---|---|---|---|---|
| ୧ | ଅଏଁଲା ବାହାଲି (କ) | ଏ 2.200 ଡି | 15,532/- | 1,553/- |
| ୨ | ଅଏଁଲା ବାହାଲି (ଘ) | ଏ 5.000 ଡି | 12,738/- | 1,274/- |
| ୩ | ଅଏଁଲା ବାହାଲି (ଙ) | ଏ 3.824 ଡି | 17,050/- | 1,705/- |
| ୪ | ଆମ୍ବ ତୋଟା ଆଟ | ଏ 4.350 ଡି | 3,333/- | 333/- |
| ୫ | ଠାକୁର ଭାଗ (ଖ) | ଏ 3.216 ଡି | 35,772/- | 3,577/- |
| ୬ | ଠାକୁର ଭାଗ (ଗ ) | ଏ 3.216 ଡି | 31,372/- | 3,137/- |
| ୭ | ବାଗ ଘର ଭାଗ (କ) | ଏ 4.429 ଡି | 25,432/- | 2,543/- |
| ୮ | ବାଗ ଘର ଭାଗ (ଖ) | ଏ 2.250 ଡି | 13,222/- | 1,322/- |
| ୯ | ବାଗ ଘର ଭାଗ (ଗ) | ଏ 2.005 ଡି | 12,144/- | 1,214/- |
| ୧୦ | ବାଗ ଘର ଭାଗ (ଘ) | ଏ 4.450 ଡି | 24,222/- | 2,422/- |
| ୧୧ | ବାଗ ଘର ଭାଗ (ଙ) | ଏ 2.213 ଡି | 5,610/- | 561/- |
| ୧୨ | ବାଗ ଘର ଭାଗ (ଚ) | ଏ 4.897 ଡି | 7,326/- | 733/- |
| ୧୩ | ବାଗ ଘର ଭାଗ (ଛ) | ଏ 4.435 ଡି | 5,566/- | 557/- |
| ୧୪ | ବଡ଼ ଆଟ (କ) | ଏ 2.745 ଡି | 3,322/- | 332/- |
| ୧୫ | ବଡ଼ ଆଟ (ଖ) | ଏ 6.250 ଡି | 5,522/- | 552/- |
| ୧୬ | ବଡ଼ ଆଟ (ଗ) | ଏ 3.450 ଡି | 3,872/- | 387/- |
| ୧୭ | ବଡ଼ ଆଟ (ଘ) | ଏ 4.730 ଡି | 8,272/- | 827/- |
| ୧୮ | ବଡ଼ ଆଟ (ଙ) | ଏ 5.049 ଡି | 8,140/- | 814/- |
| ୧୯ | ବନ୍ଧ ତଳ ଭାଗ(କ) | ଏ 2.270 ଡି | 5,500/- | 550/- |
| ୨୦ | ବନ୍ଧ ତଳ ଭାଗ (ଖ) | ଏ 1.148 ଡି | 3,520/- | 352/- |
| ୨୧ | ମିସ୍ତ୍ରୀ ଭାଗ (କ) | ଏ 3.193 ଡି | 20,680/- | 2,068/- |
| ୨୨ | ମିସ୍ତ୍ରୀ ଭାଗ(ଖ) | ଏ 3.600 ଡି | 28,600/- | 2,860/- |
| ୨୩ | ମେରୁ ବାହାଲି (କ) | ଏ 2.550 ଡି | 11,242/- | 1,124/- |
| ୨୪ | ମେରୁ ବାହାଲି (ଖ) | ଏ 2.529 ଡି | 6,512/- | 651/- |
| ୨୫ | ହଂସ ଭାଗ (କ) | ଏ 3.725 ଡି | 8,910/- | 891/- |
| ୨୬ | ହଂସ ଭାଗ (ଖ) | ଏ 2.135 ଡି | 22,440/- | 2,244/- |
| ୨୭ | ହଂସ ଭାଗ (ଗ) | ଏ 2.395 ଡି | 15,730/- | 1,573/- |
| | ମୋଟ | **ଏ 92.254 ଡି** | **3,61,581/-** | |

**ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ**
**ଦେବୋତ୍ତର, ପାଟଣାଗଡ**

## ଜଉମୁଦ ଟେଣ୍ଡର ନିମନ୍ତେ ଆବେଦନ ଫର୍ମ
## ଆର୍ଥିକ ବର୍ଷ ୨୦୨୫-୨୬ ଠାରୁ ୨୦୨୯-୩୦ (ପାଞ୍ଚ ବର୍ଷ) ପାଇଁ

୧. ମନ୍ଦିର ନାମ :

୨. ଆବେଦନକାରୀଙ୍କ ନାମ :

୩. ପିତାଙ୍କ ନାମ :

୪. ଗ୍ରାମ :

୫. ପୋ. ଅ. :

୬. ଥାନା :

୭. ଧାର୍ଯ୍ୟ ସରକାରୀ ମୂଲ୍ୟ :

୮. ସମ୍ପତ୍ତିର ନାମ :

୯. ଅମାନତ ଜମା :

୧୦. ଡିମାଣ୍ଡ ଡ୍ରାଫ୍ଟ ନଂ/ବ୍ୟାଙ୍କର୍ସ ଚେକ ନଂ:...........................ତା..............................

୧୧.ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ(ଅଙ୍କରେ)..............................................................................
୧୨.ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ(ଲିଖିତ ଆକାରରେ)..................................................................

.....................................................................................................................

### ଘୋଷଣା

ମୁଁ,ଶ୍ରୀ.....................................................................................................................
ଗ୍ରାମ...........................................................ପୋ.ଅ..........................................,ଜିଲ୍ଲା-ବଲାଙ୍ଗିର ଘୋଷଣା କରୁଅଛି ଯେ, ସମସ୍ତ ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତାବଳିକୁ ମାନିବି ଓ ଆଇନ ଅନୁଯାୟୀ ସମସ୍ତ ଦେୟ ଠିକ ସମୟରେ ପଇଠ କରିବି । ଏହାର ଅମାନ୍ୟ କଲେ ମୋ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

ଟେଣ୍ଡର ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ଦସ୍ତଖତ

ଜ୍ଞାପନ ସଂଖ୍ୟା 2456 ତାରିଖ 30.06.2025

ଏହାର ଏକକିତା ନକଲ ଦେବୋତ୍ତର କମିଶନର, ଓଡିଶା ଭୁବନେଶ୍ୱର ସହ ଯୁଗ୍ମ ଦେବୋତ୍ତର କମିଶନର,ସମ୍ବଲପୁର/ଜିଲ୍ଲାପାଳ,ବଲାଙ୍ଗିର/ସମସ୍ତତହସିଲଦାର/ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ପାଟଣାଗଡ ଉପଖଣ୍ଡ ତଥା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ୍ ବୋର୍ଡ ରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଦେବୋତ୍ତର ମ୍ୟାନେଜର,ପାଟଣାଗଡ଼ ମନ୍ଦିରଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ଓ ନିର୍ଦ୍ଦେଶଦିଆଗଲା ଯେ ବିଜ୍ଞାପନଟି ଶ୍ରୀ ବଳଦେବ ଜୀଉ ମନ୍ଦିର,ବ୍ରହ୍ମପୁରା,ପାଟଣାଗଡ଼ ଠାରେ ଛାପିବେ ।

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

ଜ୍ଞାପନ ସଂଖ୍ୟା 2457 ତାରିଖ 30.06.2025

ଏହାର ଏକକିତା ନକଲ District Information Officer, NIC, Balangir ଙ୍କ ଅବଗତି ନିମନ୍ତେ ଓ ବିଜ୍ଞାପନକୁ ୱେବ ସାଇଟରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ